# ପ୍ରଦୀପ କୁମାର ଚୌଧୁରୀ

ଜନ୍ମ:(୧୯୬୭-   ) ମସିହା

ଶ୍ରୀଯୁକ୍ତ ପ୍ରଦୀପ କୁମାର ଚୌଧୁରୀ ଭାରତ ସରକାରଙ୍କର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ବିଜ୍ଞାପନ ଓ ଦୃଶ୍ୟ ପ୍ରଚାର (ଡ଼ି.ଏ.ଭି.ପି.) ଓଡ଼ିଶା ରାଜ୍ୟ ଶାଖାରେ ଭାରତୀୟ ସୂଚନା ସେବାରେ କାର୍ଯ୍ୟରତ । ଶ୍ରୀ ଚୌଧୁରୀ ଜଣେ ବିଶିଷ୍ଟ ଜ୍ୟୋତିର୍ବିଦ୍ ଭାବେ ଭାରତ ବର୍ଷ ତଥା ଆନ୍ତର୍ଜାତିକ ସ୍ତରରେ ବେଶ୍ ପରିଚିତ । ବର୍ତ୍ତମାନ ସୁଦ୍ଧା ଡ. ଚୌଧୁରୀ ଜ୍ୟୋତିଷ ଓ ଧର୍ମ ସାହିତ୍ୟ ଭଣ୍ଡାରକୁ ୫୦ ଖଣ୍ଡ ପୁସ୍ତକ ପ୍ରଦାନ କରି ଜ୍ୟୋତିଷ ଧର୍ମ ତଥା ସାହିତ୍ୟ ଭଣ୍ଡାରକୁ ବହୁଳ ଭାବେ ସମୃଦ୍ଧ କରିଛନ୍ତି । ତାଙ୍କର ଅନେକ ପୁସ୍ତକ ହିନ୍ଦୀ ଓ ଇଂରାଜୀରେ ଅନୁଦିତ ହୋଇ ପ୍ରକାଶିତ ହେବାକୁ ଯାଉଛି । ତାଙ୍କ ରଚିତ ପୁସ୍ତକ ସମ୍ପର୍କରେ-
ସଦ୍‌ଗୁରୁ ଶ୍ରୀ ଶିରିଡ଼ି ସାଇବାବା ପୂଜା ଉପାସନା ଓ ନବଗ୍ରହ ଶାନ୍ତି ବିଧାନ, ଦଶମହାବିଦ୍ୟା ଓ ନବଦୁର୍ଗା, ସମ୍ପୂର୍ଣ୍ଣ ନବଗ୍ରହ ପରିଚୟ, ତୀର୍ଥରାଜ ପୁଷ୍କର ଦର୍ଶନ, କାମାକ୍ଷା ଦର୍ଶନ ।

**ସଦ୍‌ଗୁରୁ ଶ୍ରୀ ଶିରିଡ଼ି ସାଇବାବା ପୂଜା ଉପାସନା ଓ ନବଗ୍ରହ ଶାନ୍ତି ବିଧାନ,** ପୃଷ୍ଠା- ୬୫୬, ପ୍ରକାଶକାଳ-୨୦୦୬, ଦ୍ୱିତୀୟ ସଂସ୍କରଣ-୨୦୧୦, ମୂଲ୍ୟ: ଟ.୩୬୦/-

ଏହି ପୁସ୍ତକଟି୨୦୦୬ ମସିହାରେ  ପ୍ରକାଶିତ ହୋଇ ଜନାଦୃତ ହୋଇଥିଲା । ଏହି ପୁସ୍ତକ ଉଭୟ ଜ୍ୟୋତିଷ ଶାସ୍ତ୍ରୀୟ ଦୃଷ୍ଟିକୋଣରୁ ଏବଂ ସାଇନାଥଙ୍କ କୃପା ପ୍ରାପ୍ତି ଦୃଷ୍ଟିରୁ ଉପାଦେୟ । ବହୁ ପାଠକଙ୍କ ଚାହିଦା ଓ ଅନୁରୋଧ କ୍ରମେ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରାଗଲା । ଆଶା, ଏହି ଗ୍ରନ୍ଥ ଉଭୟ ଜ୍ୟୋତିଷ ଜିଜ୍ଞାସୁ ଓ ସାଇ ପିପାସୁଙ୍କ ନିମନ୍ତେ ଏକ ଉପାଦେୟ ଗ୍ରନ୍ଥ ହେବ ।

**ଦଶମହାବିଦ୍ୟା ଓ ନବଦୁର୍ଗା,** ପୃଷ୍ଠା-୧୪୪, ପ୍ରକାଶକାଳ-୨୦୦୮, ମୂଲ୍ୟ:୧୨୦ ଟଙ୍କା

ବ୍ୟକ୍ତିର ଜୀବନଚର୍ଯ୍ୟାକୁ ସୁଖଶାନ୍ତିମୟ କରିବା ଦିଗରେ ଜ୍ୟୋତିଷଶାସ୍ତ୍ରରେ ନାନାଦି ବିଧିବିଧାନ ରହିଛି । ଆତ୍ମ ସନ୍ତୋଷ ହିଁ ପ୍ରତ୍ୟେକ ବ୍ୟକ୍ତିଙ୍କ ପରମ ମିତ୍ର । ଏହି ପରମ ସନ୍ତୋଷ ଲାଭ ନିମନ୍ତେ ଦିଗ୍‌ଦର୍ଶନ ଦେବା ଲକ୍ଷ୍ୟରେ ପୁସ୍ତକଟି ରଚିତ । ଦେବୀଗଣଙ୍କ ଗୁଣାଧାନ, ବୀଜମନ୍ତ୍ର, ପ୍ରଣାମ ମନ୍ତ୍ର, ଅର୍ଚ୍ଚନ ଓ କବଚ ଆଦି ଏହି ପୁସ୍ତକରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି । ଦଶମହାବିଦ୍ୟା ଆରାଧନା ଓ ନବରାତ୍ର ପୂଜା ମାଧ୍ୟମରେ କେବଳ ଦୈବୀ ଶକ୍ତିର ଆଶୀର୍ବାଦ ନୁହେଁ, ସମ୍ପୂର୍ଣ୍ଣ ଗ୍ରହମଣ୍ଡଳ ଓ ନବଗ୍ରହଙ୍କ ଆଶୀର୍ବାଦ ପ୍ରାପ୍ତି ହୁଏ ବୋଲି କୁହାଯାଏ । ନବଦୁର୍ଗାଙ୍କୁ ନବରାତ୍ର ପୂଜାରେ ସନ୍ତୁଷ୍ଟପୂର୍ବକ ଜୀବନକୁ ଅଶୁଭ ଗ୍ରହ ପ୍ରଭାବରୁ ମୁକ୍ତ ରଖିବା ଦିଗରେ ପୁସ୍ତକଟିରୁ ଜାଣିବାକୁ ମିଳିଥାଏ ।

**ସମ୍ପୂର୍ଣ୍ଣ ନବଗ୍ରହ ପରିଚୟ,** ପୃଷ୍ଠା-୧୨୬, ପ୍ରକାଶକାଳ-୨୦୦୭, ମୂଲ୍ୟ: ଟ.୭୨/-

ଏହି ସଂକଳନରେ ଗ୍ରହମାନଙ୍କର ସମ୍ପୂର୍ଣ୍ଣ ପରିଚୟ ପ୍ରଦାନ କରିବା ସହ ଜ୍ୟୋତିଷ ତତ୍ତ୍ୱରେ ସେମାନଙ୍କର ପୌରାଣିକ ଓ ବୈଜ୍ଞାନିକ ପରିଚୟ ସହ ପ୍ରତ୍ୟେକ ଗ୍ରହଙ୍କ ସ୍ୱଭାବ, ବ୍ୟକ୍ତିତ୍ୱ, ତତ୍ତ୍ୱ, ଗୁଣ, ଧର୍ମ । ପ୍ରତ୍ୟେକ ଗ୍ରହର ଅନ୍ୟଗ୍ରହ ସହ ଭାବ ସମ୍ପର୍କ, ସେମାନଙ୍କର ପ୍ରଭାବ ଏବଂ ପ୍ରତିକାର ଉପାୟଗୁଡ଼ିକ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରାଯାଇଛି । ପ୍ରତ୍ୟେକ ଗ୍ରହଙ୍କ ମନ୍ତ୍ର, ପ୍ରାର୍ଥନା, ଯନ୍ତ୍ର ପ୍ରତିଷ୍ଠା, ଦାନ, ପୂଜାର୍ଚ୍ଚନା, ସ୍ତୁତିପାଠ ଉପାୟ ମାଧ୍ୟମରେ ଗ୍ରହ ଶାନ୍ତି ହୋଇ କିପରି ପ୍ରତିକୂଳ ପରିସ୍ଥିତିକୁ ଅନୁକୂଳ ପରିସ୍ଥିତିରେ ରୂପାନ୍ତରିତ କରିହୁଏ, ଏହାର ବିସ୍ତୃତ ବିବରଣୀ ଏଥିରେ ବର୍ଣ୍ଣିତ । ଆଶା ଏହି ସଂକଳନ ଜ୍ୟୋତିଷ ଅଧ୍ୟୟନ ବ୍ରତି ରହୁଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଏକ ଶିକ୍ଷଣୀୟ ଗ୍ରନ୍ଥ ଭାବରେ କାମ ଦେବ ।

**ତୀର୍ଥରାଜ ପୁଷ୍କର ଦର୍ଶନ,** ପୃଷ୍ଠା-୧୦୮, ପ୍ରକାଶକାଳ-୨୦୦୭, ମୂଲ୍ୟ: ଟ.୬୦/-

ଉକ୍ତ ପୁସ୍ତକରେ ପୁଷ୍କର ତୀର୍ଥର ଉତ୍ପତ୍ତି, ଏହାର ମାହାତ୍ମ୍ୟ, ଐତିହାସିକ, କିମ୍ବଦନ୍ତୀ, ପୌରାଣିକ କଥାବସ୍ତୁ, ଭୌଗୋଳିକ ସ୍ଥିତି ଏବଂ ତୀର୍ଥସ୍ଥାନ ସ୍ନାନ ଫଳର  ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଜ୍ୟୋତିଷାଚାର୍ଯ୍ୟ ମାନଙ୍କ ମତରେ ଜନ୍ମକୁଣ୍ଡଳୀର ସମସ୍ତ ଗ୍ରହଦୋଷ ପୁଷ୍କର ତୀର୍ଥପରେ ଖଣ୍ଡନ ହୁଏ । ଆଶାକରେ ଶ୍ରଦ୍ଧେୟ ପାଠକ ଏହି ପୁସ୍ତକ ପାଠକରି ପରମପିତା ବ୍ରହ୍ମାଙ୍କ କୃପାଦୃଷ୍ଟି ବା ଆଶୀର୍ବାଦ ପ୍ରାପ୍ତ ହେବେ ।

**କାମାକ୍ଷା ଦର୍ଶନ,** ପୃଷ୍ଠା-୬୨, ପ୍ରକାଶକାଳ-୨୦୦୭, ମୂଲ୍ୟ: ଟ.୪୫/-

କାମାକ୍ଷା ଏକ ଜାଗ୍ରତ ପୀଠ । ପ୍ରକାରାନ୍ତରେ ଭାରତବର୍ଷର ଶ୍ରେଷ୍ଠ ଜାଗ୍ରତ ଶକ୍ତିପୀଠ କହିଲେ ଅତ୍ୟୁକ୍ତି ହେବନାହିଁ । ଆଧ୍ୟାତ୍ମିକ, ଆଦିଦୈବିକ ତଥା ଆଧିଭୌତିକ ଆଦି ସମସ୍ତ କାମନା ଏଠାରେ ପୂର୍ଣ୍ଣ ହୋଇଥାଏ । ତେଣୁ ଏହି କ୍ଷେତ୍ରର ଅନ୍ୟନାମ କାମନାପୂର୍ଣ୍ଣ କ୍ଷେତ୍ର । ମା'ଏଠାରେ ସୃଷ୍ଟିଦାୟିନୀ, ପାଳନକର୍ତ୍ତ୍ରୀ ଓ ଦୁଷ୍ଟଶକ୍ତିର ବିନାଶକାରିଣୀ ସ୍ୱରୂପରେ ବିରାଜମାନା । ସେହି ତ୍ରିପୁର ବିଜୟୀ ସର୍ବଶକ୍ତିମାନ ତ୍ରିଗୁଣ ସ୍ୱରୂପା କାମାଖ୍ୟାଙ୍କ ଗୁଣାବଳୀ ଓ ଚରିତ୍ରକୁ କିଛି ମାତ୍ରାରେ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି । ଆଶା କରାଯାଏ, ଏହି ପୁସ୍ତକ ପଠନ ମାତ୍ରେ ମା' କାମାଖ୍ୟା ପାଠକମାନଙ୍କର ସର୍ବକାମନା ପୂରଣ କରି ଜୀବକୁ ଜଞ୍ଜାଳମୟ ଜୀବନଚକ୍ରରୁ ମୁକ୍ତ କରି ମୋକ୍ଷମାର୍ଗ ପ୍ରତି ଆକର୍ଷିତ କରିବେ ।